# ଭାରତୀୟ ଜନ ସଂଚାର ସଂସ୍ଥାନ, ନୂଆଦିଲ୍ଲୀ

## ପ୍ରବେଶିକା ପରୀକ୍ଷା ୨୦୧୧

## ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା (ଓଡ଼ିଆ)

ସମୟ: ୨ ଘଣ୍ଟା                                                                                    ପୂର୍ଣ୍ଣ ସଂଖ୍ୟା: ୮୫

*ସବୁ ପ୍ରଶ୍ନର ଉତ୍ତର ଦିଅନ୍ତୁ । ପ୍ରଥମ ତିନୋଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦ ମଧ୍ୟରେ ଦିଅନ୍ତୁ ।*

୧. ପ୍ରବନ୍ଧ ଲେଖନ୍ତୁ: ୧୫

କ. ଦୁର୍ନୀତି ନିରାକରଣ

କିମ୍ବା

ଖ. ସଂଘୀୟ ବ୍ୟବସ୍ଥା

୨. ବିଶ୍ଳେଷଣ କରନ୍ତୁ: ୧୫

କ. ଆପଣ ନିୟମିତ ପଢୁଥିବା ଏକ ଦୈନିକ ଖବରକାଗଜର ସମ୍ପାଦକୀୟ ପୃଷ୍ଠା

କିମ୍ବା

ଖ. ଏକ ମନୋରଂଜନ ସମ୍ବାଦ-ଭିତ୍ତିକ ଟେଲିଭିଜନ କାର୍ଯ୍ୟକ୍ରମ

୩. ଟିପ୍ପଣୀ ଦିଅନ୍ତୁ: ୧୫

କ. ବିଶ୍ୱବିଦ୍ୟାଳୟ ସ୍ତରୀୟ ଶିକ୍ଷାରୁ ପରୀକ୍ଷା ଉଠାଇ ଦେବା ଉଚିତ ।

କିମ୍ବା

ଖ. ଭାରତରେ କ୍ରିକେଟ୍‌କୁ ଅତିରିକ୍ତ ପ୍ରାଧାନ୍ୟ ଦିଆଯାଉଛି ।

୪. ନିମ୍ନଲିଖିତ ବିଷୟରୁ ଯେକୌଣସି ୧୦ଟି ସମ୍ପର୍କରେ ଲେଖନ୍ତୁ । ପ୍ରତ୍ୟେକ ୨୦ ଶବ୍ଦ ଭିତରେ । ୦୨

କ. ମଲ୍ଲୀ-ବିପ୍ଳବ

ଖ. ଭାରତର ଆଇସିସି କପ୍ ବିଜୟ

ଗ. କେଳୁଚରଣ ମହାପାତ୍ର

ଘ. ମେ-ଡେ

ଙ. ଥ୍ରୀ-ଜି ଟେଲିଫୋନି

ଚ. ୟୁନ୍‌ଡିପି

ଛ. ନାରାୟଣପାଟଣା

ଜ. ତାରକା ପ୍ରଶ୍ନ

ଝ. ସିଭିଲ୍ ସୋସାଇଟି ବା ଭଦ୍ର ସମାଜ

ଞ. ନିର୍ବାଚନ କମିଶନ୍

ଟ. କମ୍ୟୁନିଟି ରେଡିଓ

ଠ. ବିଶ୍ୱ ଉଷ୍ମୀକରଣ

ଡ. ସୁଫି ସଂଗୀତ

ଢ. ଶ୍ରଦ୍ଧାଂଜଳି ସାମନ୍ତରାୟ

ଣ. ସିଦ୍ଧାର୍ଥ ମୁଖାର୍ଜୀ

୫. ନିମ୍ନଲିଖିତ ଅନୁଚ୍ଛେଦକୁ ସଂକ୍ଷେପ କରି ୫୦ ଶବ୍ଦ ଭିତରେ ଲେଖନ୍ତୁ ।                ୧୦

ଭାରତର ସ୍ୱାଧୀନତା ସଂଗ୍ରାମରେ ସମ୍ବାଦପତ୍ରର ବଡ଼ ଭୂମିକା ରହିଛି । ୧୭୮୦ରେ ପ୍ରଥମ ଭାରତୀୟ ସମ୍ବାଦପତ୍ର ଆରମ୍ଭ ହେଲା: ହିକିସ୍ ଗେଜେଟ୍ । କିନ୍ତୁ ସମ୍ବାଦପତ୍ରକୁ ସାଧାରଣ ଲୋକଙ୍କ ପାଖକୁ ଆଣିଲେ ତିଲକ । ଏହାକୁ ସାଧାରଣ ଲୋକଙ୍କ ହାତରେ ଏକ ଅସ୍ତ୍ର କରି ଦେଲେ ମହାତ୍ମା ଗାନ୍ଧି ।

ଭାରତୀୟ ସମ୍ବାଦପତ୍ର ସ୍ୱାଧୀନତା ସଂଗ୍ରାମୀଙ୍କ ସୁଖ ଦୁଃଖ, ଜୟ-ପରାଜୟର ସାଥୀ ହୋଇ ଗାନ୍ଧିଜୀଙ୍କ ନେତୃତ୍ୱାଧୀନ ଅସହଯୋଗ ଆନ୍ଦୋଳନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମାଗାନ୍ଧିଙ୍କ ଲେଖନୀ ଦ୍ୱାରା ସମୃଦ୍ଧ ହୋଇ ଉଭୟ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲା ।

ଭାରତୀୟ ରାଜନୈତିକ ଓ ସାମାଜିକ ମୁକ୍ତି ସଂଗ୍ରାମ ଓ ସମ୍ବାଦପତ୍ର ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଗାନ୍ଧିଜୀ ହିଁ ଆମ ସମ୍ମୁଖରେ ଉନ୍ମୋଚିତ କରିଯାଇଛନ୍ତି । ଦକ୍ଷିଣ – ଆଫ୍ରିକାରେ ଥିବା ସମୟରେ ହିଁ ସେ ସମ୍ବାଦପତ୍ରର ଶକ୍ତିକୁ ଉପଲବ୍ଧି କରିପାରିଥିଲେ ଓ ଯଥାଶୀଘ୍ର ଏହି ଅସ୍ତ୍ରକୁ ନିଜର ସତ୍ୟାଗ୍ରହ ସଂଗ୍ରାମରେ ପ୍ରୟୋଗ କରିଥିଲେ । ଗାନ୍ଧିଜୀ ଲେଖିଛନ୍ତି- ସମ୍ବାଦପତ୍ରର ବିନା ସହାୟତାରେ ସତ୍ୟାଗ୍ରହ ପରି ଅନ୍ତଃଶକ୍ତି ଦ୍ୱାରା ପରିଚାଳିତ ଏକ ସଂଗ୍ରାମ ଚଳାଇବା ସମ୍ଭବ ନୁହେଁ । ଆମେ ବୋଧହୁଏ ଅନ୍ୟ କୌଣସି ଉପାୟରେ ଦକ୍ଷିଣ-ଆଫ୍ରିକାରେ ଥିବା ଭାରତୀୟ ସମ୍ପ୍ରଦାୟ ଓ ସାରା ବିଶ୍ୱରେ ଥିବା ଭାରତୀୟଙ୍କୁ ଦକ୍ଷିଣ-ଆଫ୍ରିକାରେ ଚାଲୁଥିବା ସତ୍ୟାଗ୍ରହ ସମ୍ପର୍କରେ ସଚେତନ ଓ ପ୍ରଭାବିତ କରିପାରି ନ ଥାନ୍ତୁ ଯେପରି ସଫଳତାର ସହିତ ଇଣ୍ଡିଆନ୍ ଓପିନିୟନ୍ ମାଧ୍ୟମରେ କରିପାରିଥିଲୁ । ଏହା ଆମ ପାଇଁ ଏକ ଅସ୍ତ୍ର ସଦୃଶ ଥିଲା : ଯାହାର ବ୍ୟବହାର କରି ଆମେ ସମସ୍ତ ଭାରତୀୟ ସମ୍ପ୍ରଦାୟ ମଧ୍ୟରେ ସତ୍ୟାଗ୍ରହ ପ୍ରତି ଆଗ୍ରହ ଜନ୍ମାଇ ପାରିଥିଲୁ ।

୭. ନିମ୍ନଲିଖିତ ଇଂରାଜୀ ଅନୁଚ୍ଛେଦକୁ ଓଡ଼ିଆରେ ଅନୁବାଦ କରନ୍ତୁ ।                ୧୦

Poverty has many faces, myriad manifestations. Poverty is hunger (About 25,000 people die every day of hunger and hunger related causes; that is one person every three and half seconds). Poverty is lack of shelter. Poverty is being sick and not being able to see a doctor. Poverty is not having access to school and not knowing how to read. Poverty is not having a job, is fear for the future, living one day at a time. Poverty is losing a child to illness brought about by unclean water. Poverty is powerlessness, lack of representation and freedom. People are living in poverty if their income and resources (material, cultural and social) are so inadequate as to preclude them from having a standard of living, which is regarded as acceptable by the society generally. As a result of inadequate income and resources people may be excluded and marginalized from participating in activities, which are considered the norm for other people in society.